# ଜିଲ୍ଲାରୁ 13 ପଜିଟିଭ୍ ବାହାରିବା ପରେ ଜିଲ୍ଲା ପ୍ରଶାସନ ତରଫରୁ ବ୍ୟାପକ ପ୍ରସ୍ତୁତି ଓ କଟକଣା ଜାରି ।

ସଂ ୧୨୩................/ଆବାସିକ ତା ..୧୦/୦୫/୨୦୨୦....

ଆଜି ଜିଲ୍ଲାର ବିଭିନ୍ନ ବ୍ଲକ ଓ ଅନୁଗୋଳ ପୌରାଞ୍ଚଳରେ 13 ଜଣ କରୋନା ଭୂତାଣୁ ଆକ୍ରାନ୍ତ ଚିହ୍ନଟ ହେବା ପରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଦ୍ୱାରା ବ୍ୟାପକ ପ୍ରସ୍ତୁତି ଓ ସତର୍କତା ଅବଲମ୍ବନ କରାଯାଇଛି । ଆକ୍ରାନ୍ତଙ୍କ ସମ୍ପର୍କରେ ଏହି ଖବର ପାଇବା ପରେ ଜିଲ୍ଲା ପ୍ରଶାସନ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ତାଳଚେର କୋଭିଡ୍ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ପଠାଇଛନ୍ତି । ଆକ୍ରାନ୍ତଙ୍କ ମଧ୍ୟରେ ସୁରଟ ଫେରନ୍ତା 11 ଜଣ, ମହାରାଷ୍ଟ୍ରରୁ ଜଣେ ଓ ଅନୁଗୋଳ ପୌରାଞ୍ଚଳରୁ ଜଣେ ସଙ୍ଗରୋଧରେ ଥିଲେ । ଅନୁଗୋଳ ପୌରାଞ୍ଚଳର ଆକ୍ରାନ୍ତ କାହା ସହିତ ମିଳାମିଶା କରିଛନ୍ତି ଓ ତାଙ୍କର ବିସ୍ତୃତ ଯାତ୍ରା ବିବରଣୀ ସଂଗ୍ରହ କରାଯାଉଛି ।

ସରକାରଙ୍କ ପରବର୍ତ୍ତି ନିର୍ଦ୍ଦେଶନାମା ଜାରି ହେବା ପର୍ଯ୍ୟନ୍ତ ଅନୁଗୋଳ ସବୁଜ ଜୋନରେ ରହିବ । ପୂର୍ବଭଳି ଯେଉଁ ସୁବିଧା ଓ କଟକଣା ଜାରି ହୋଇଥିଲା ତାହା ବଳବତ୍ତର ରହିବ ।

ଆଜି ଜିଲ୍ଲାପାଳଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ଜିଲ୍ଲାର ସମସ୍ତ ଅସ୍ଥାୟୀ ମେଡ଼ିକାଲ୍ ଶିବିରର ଚତୁଃପାର୍ଶ୍ୱର 100 ମିଟର ପରିଧି ମଧ୍ୟରେ ଦିବାରାତ୍ର 144 ଧାରା ଜାରୀ ରହିବ । ବିନା ଅନୁମତିରେ କୌଣସି ଅଣସ୍ୱିକୃତି ପ୍ରାପ୍ତ ବ୍ୟକ୍ତି ଏହାର ନିକଟକୁ ଯାଇ ପାରିବେ ନାହିଁ । ଉପରୋକ୍ତ ନିର୍ଦ୍ଦେଶନାମା ଉଲ୍ଲଙ୍ଘନ ପରିଦୃଷ୍ଟ ହେଲେ ବିପର୍ଯ୍ୟୟ ପରିଚାଳନା ଆଇନ 2005 ଧାରା 51 ରୁ 60, ସଂକ୍ରାମକ ରୋଗ ଆଇନ୍, 1897 ଓ ଭାରତୀୟ ପିଙ୍ଗଳ କୋଡ୍ ଧାରା 188 ଅନୁସାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଜିଲ୍ଲାରେ ପ୍ରଥମ ଥର 13 ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାରୁ ଜିଲ୍ଲା ପ୍ରଶାସନ ଓ ପୋଲିସ୍ ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା ଓ କଟକଣା ଜାରି କରାଯାଇଛି । ଜନସାଧାରଣ ଏହିଭଳି ପରିସ୍ଥିତିରେ ଭୟଭୀତ ଓ ଆତଙ୍କିତ ନହୋଇ ପୂର୍ବ ଭଳି ସାମାଜିକ ଦୂରତା ବଜାୟ ରଖିବା ସହ ଆବଶ୍ୟକ ନଥିଲେ ବାହାରକୁ ବାହାରନ୍ତୁ ନାହିଁ ବୋଲି ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

ମନୋଜ ମହାନ୍ତି ୧୦/୦୫/୨୦୨୦

ଜିଲ୍ଲାପାଳ, ଅନୁଗୋଳ

Scanned with CamS